ଆଗକୁ ଛତିଶଗଡ଼ରେ କଂଗ୍ରେସ ରହିବ ଶାସନରେ, ତେଣୁ ରମଣ ସିଂଙ୍କ ଭଳି କଠୋର ଆଚରଣ ତାଙ୍କ ମୁଖ୍ୟମନ୍ତ୍ରୀ କରିବେ କି ନରମ ହେବେ ଏକଥା ଆଗାମୀ ଦିନରେ ଜଣାପଡ଼ିବ ମହାନଦୀରେ ଖରାଦିନେ ପାଣିର ପ୍ରବାହକୁ ଦେଖି । ଛତିଶଗଡ଼ ମହାନଦୀ ପାଣିକୁ ଅଟକାଇ ଅନ୍ୟାୟ କରିଛି ବୋଲି ବିଜେଡି ଏବଂ କଂଗ୍ରେସ କହିବା ସମୟରେ ବିଜେପିର ସ୍ୱର ମୋଟେ ଶୁଭୁ ନଥିଲା । ବରଂ ବିଜେପି ଯୁକ୍ତି ବାଢୁଥିଲା ବିଜେଡି କାହିଁକି ବାଲ୍‌ଟିଏ ପାଣି ରଖିବାର ବ୍ୟବସ୍ଥା କରିନି ଏତେ ବର୍ଷ ଭିତରେ? ଛତିଶଗଡ଼ ବନ୍ଧ ବାନ୍ଧିଲା । ଓଡ଼ିଶା ମହାନଦୀ ପାଣିକୁ ଧରି ନରଖି ସମୁଦ୍ରକୁ କାହିଁକି ବୁହାଇ ଦେଉଛି ?

ଓଡ଼ିଶା ଏକ୍ସପ୍ରେସ୍

ଏଥର ମହାନଦୀରେ ପାଣି ଆସିବ ତ?

ଛତିଶଗଡ଼ ଏକାଧିକ ବନ୍ଧବାନ୍ଧି ମହାନଦୀ ପାଣିକୁ ଅଟକାଇ ରଖିବାରୁ ଓଡ଼ିଶାରେ ମହାନଦୀ ଶୁଖିଲା ରହୁଛି ଅଧିକାଂଶ ସମୟରେ ।

ମହାନଦୀ ପାଣିର ବଣ୍ଟାକୁଣ୍ଟା ପାଇଁ ଟ୍ରିବ୍ୟୁନାଲ ଗଠନ କରାଯାଇଛି । ଛତିଶଗଡ଼ ସରକାରଙ୍କ ଯୋଜନାକୁ ଅବୈଧ ଘୋଷଣା କରିବାକୁ ଓଡ଼ିଶା ସରକାର ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ନିବେଦନ କରିଛନ୍ତି । ହୀରାକୁଦ ଜଳଭଣ୍ଡାର ପର୍ଯ୍ୟନ୍ତ ମହାନଦୀରେ ଅତିକମ୍‌ରେ ୨୦.୬୧ ଏମ୍‌ଏଏଫ୍ ଜଳ ପ୍ରବାହ ଓ ୬.୧୭ ଉଦ୍‌ବୃତ୍ତ ଜଳ ପ୍ରବାହକୁ ସୁନିୟନ୍ତ୍ରିତ କରାଇବାକୁ ଷ୍ଟେଟ୍‌ମେଣ୍ଟସ୍ ଅଫ୍ କ୍ଲେମସରେ କୁହାଯାଇଛି । ସେହିପରି ଅଣମୌସୁମୀ ସମୟରେ ନଭେମ୍ବରରୁ ମଇ ମଧ୍ୟରେ ଓଡ଼ିଶା ସୀମାରେ ମହାନଦୀରେ ଅତିକମ୍‌ରେ ୧.୭୪ ଏମ୍‌ଏଏଫ୍ ଜଳ ପ୍ରବାହ ସୁନିୟନ୍ତ୍ରିତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

ଆଗକୁ ଛତିଶଗଡ଼ରେ କଂଗ୍ରେସ ରହିବ ଶାସନରେ, ତେଣୁ ରମଣ ସିଂଙ୍କ ଭଳି କଠୋର ଆଚରଣ ତାଙ୍କ ମୁଖ୍ୟମନ୍ତ୍ରୀ କରିବେ କି ନରମ ହେବେ ଏକଥା ଆଗାମୀ ଦିନରେ ଜଣାପଡ଼ିବ ମହାନଦୀରେ ଖରାଦିନେ ପାଣିର ପ୍ରବାହକୁ ଦେଖି ।

ଛତିଶଗଡ଼ ମହାନଦୀ ପାଣିକୁ ଅଟକାଇ ଅନ୍ୟାୟ କରିଛି ବୋଲି ବିଜେଡି ଏବଂ କଂଗ୍ରେସ କହିବା ସମୟରେ ବିଜେପିର ସ୍ୱର ମୋଟେ ଶୁଭୁ ନଥିଲା । ବରଂ ବିଜେପି ଯୁକ୍ତି ବାଢୁଥିଲା ବିଜେଡି କାହିଁକି ବାଲ୍‌ଟିଏ ପାଣି ରଖିବାର ବ୍ୟବସ୍ଥା କରିନି ଏତେ ବର୍ଷ ଭିତରେ? ଛତିଶଗଡ଼ ବନ୍ଧ ବାନ୍ଧିଲା । ଓଡ଼ିଶା ମହାନଦୀ ପାଣିକୁ ଧରି ନରଖି ସମୁଦ୍ରକୁ କାହିଁକି ବୁହାଇ ଦେଉଛି ?

ଛତିଶଗଡ଼ରେ ରମଣ ସିଂଙ୍କ ସମୟରେ ସଂଖ୍ୟାଧିକ ଛୋଟବଡ଼ ଡ୍ୟାମ୍ ନିର୍ମାଣ କରାଯାଇଛି । ସେ ପାଣିରେ ତାଙ୍କ ରାଜ୍ୟର କେଉଁମାନେ ଉପକୃତ ହୋଇଛନ୍ତି ? ଯଦି ସେଠିକା ଚାଷୀ ଏବଂ ସାଧାରଣ ଲୋକେ ଏଥିରେ ଉପକୃତ ହୋଇଥାନ୍ତେ ତା'ହେଲେ ତ ରମଣ ସିଂଙ୍କ ପ୍ରତି ସମର୍ଥନ ବଜାୟ ରହିଥାନ୍ତା ? ଏ ପାଣି ଶିଳ୍ପପତିଙ୍କ ଉପକାରରେ ହିଁ ଲାଗିଛି ବୋଲି ସେଠାକାର ଲୋକେ କହୁଛନ୍ତି ।

ଏବେ ଆମ ରାଜ୍ୟକୁ ମହାନଦୀ ପାଣି ଛାଡ଼ିବାକୁ କଂଗ୍ରେସ ତାଙ୍କ ଦଳର ସରକାରଙ୍କ ଉପରେ ଚାପ ପକାଇପାରିବ ନା ରାଜ୍ୟ ବିଜେପି ନେତାଙ୍କ ଭଳି ଟାଳଟୁଳ ନୀତି ଅବଲମ୍ବନ କରିବ?

ମହାନଦୀ ପ୍ରସଙ୍ଗରେ ଏଥର ବିଜେପି ନେତାଙ୍କ ସ୍ୱର କ'ଣ ହେବ? ସେମାନେ ଚୁପ୍ ରହିବେ ନା ଛତିଶଗଡ଼ ଅନ୍ୟାୟ କରୁଛି ବୋଲି କହିବେ? ଯଦି ସ୍ୱର ଉଠେଇବେ ସମାଲୋଚିତ ହେବେ ନିଶ୍ଚେ, ତେଣୁ ଚୁପ୍ ରହିବାକୁ ହିଁ ଉଚିତ୍ ମନେକରିବେ ହୁଏତ । ସେମାନେ କେବେ କହିବେନି ଛତିଶଗଡ଼ ଅନ୍ୟାୟ କରିଛି ପାଣି ଅଟକାଇ ।

ମହାନଦୀ ପାଣି ପୁଣି ଅଡୁଆରେ ପକାଇବ ବିଜେପି ଆଉ କଂଗ୍ରେସକୁ । ମହାନଦୀ ପ୍ରସଙ୍ଗ ଖୁବ୍ ସୁହାଇବ ଶଙ୍ଖ ଦଳିଆଙ୍କୁ ।

ହଁ, କଂଗ୍ରେସ ଯଦି ତାଙ୍କ ଦଳିଆ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କୁ ମନେଇ ମହାନଦୀକୁ ପୂର୍ଣ୍ଣଗର୍ଭା କରାଇପାରିବ ତା'ହେଲେ ଓଡ଼ିଶା ଲୋକଙ୍କ ସମର୍ଥନ ବେଶ୍ ହାତେଇପାରିବ । ଏଥର ବିଜେପି ବି ମହାନଦୀ ପାଇଁ ସ୍ୱର ଉଠାଇବାର ସମ୍ଭାବନା ରହିଛି । ତେଣୁ ଆଗକୁ ମହାନଦୀର ବକ୍ଷ ହୁଏତ ଆଉ ଶୁଖିଲା ରହିବନି ।

ନୀତିବାନ୍ ଲୋକର ବଦ୍‌ନାମକୁ ସବୁଠାରୁ ବେଶୀ ଭୟ

ସତ କହିବାକୁ କିଆଁ ଡରିବି

◆

ଅମ୍ବିକା ପ୍ରସାଦ ଦାସ

◆

ସବୁବେଳେ ଠିକ୍ ରାସ୍ତାରେ ଚଳିବାକୁ ଚେଷ୍ଟା କରୁଥିବା ଲୋକଙ୍କର ବଡ଼ ପୁଞ୍ଜି ହେଲା ଆତ୍ମସମ୍ମାନ । କିନ୍ତୁ ଆତ୍ମସମ୍ମାନ ସହ ସାଲିସ୍ କରୁନଥିବା ଲୋକଙ୍କର ବଡ଼ ଭୟ ହେଲା ବଦନାମକୁ । ତେଣୁ ଯେତେ କଷ୍ଟ ସହିବାକୁ ପଡୁପଛେ କୌଣସି କ୍ଷେତ୍ରରେ କୌଣସି ପ୍ରକାର ଖିଲାପ କରି ଯେଭଳି ବଦନାମ ହେବାକୁ ନପଡ଼େ ସେଥିଲାଗି ସେମାନେ ସର୍ବଦା ସତର୍କତାର ସହିତ ପଦକ୍ଷେପ ନେଇଥାଆନ୍ତି । କିନ୍ତୁ ଏପରି ଲୋକଙ୍କୁ ସମ୍ମାନର ସହ ସବୁ କ୍ଷେତ୍ରରେ କ'ଣ ସହାୟତା ମିଳେ? ବରଂ ଏମାନଙ୍କୁ ଅନେକ ସମୟରେ ହରକତ ହେବାକୁ ପଡ଼ିଥାଏ ।

ଚାଣକ୍ୟଙ୍କ ମତରେ ସଂସାରରେ ଯେତେ ପ୍ରକାର ଭୟ ରହିଛି ସେଥିମଧ୍ୟରୁ ବଦନାମ୍ ହେଉଛି ସବୁଠୁ ବଡ଼ ଭୟ । ଆଇନ୍, କାନୁନ୍, ନୀତିନିୟମ, ସଂସ୍କାର ମାନି ଚଳୁଥିବା ଲୋକେ ବଦନାମକୁ ଯେତେ ଭୟ କରନ୍ତି ଆଉ କାହାକୁ ସେତେ କରନ୍ତି ନାହିଁ ।

ନିକଟରେ ପୁଅର ବାହା ଭୋଜିରେ ସାମିଲ ହେବା ଲାଗି ନିମନ୍ତ୍ରଣ କରିବାକୁ ଆସିଥିଲେ ରାଷ୍ଟ୍ରାୟତ୍ତ ସଂସ୍ଥା 'କାନାରା ବ୍ୟାଙ୍କ'ର ଜେନେରାଲ ମ୍ୟାନେଜର ରାଜେନ୍ଦ୍ର କୁମାର ସ୍ୱାଇଁ । କିଛିବର୍ଷ ତଳେ ଦୂରଦର୍ଶନରେ 'ଆମରି ସେବାରେ' କାର୍ଯ୍ୟକ୍ରମର ସଂଚାଳନ କରୁଥିବା ବେଳେ ଶ୍ରୀ ସ୍ୱାଇଁଙ୍କ ସହ ପରିଚୟ ହୋଇଥିଲା ମୋ'ର । ସେତେବେଳେ ସେ ଥିଲେ ଡିଜିଏମ୍ ପାହ୍ୟାରେ । ତାଙ୍କରି କାର୍ଯ୍ୟକାଳ ମଧ୍ୟରେ ଓଡ଼ିଶାର ଗ୍ରାମାଞ୍ଚଳରେ ଗଢ଼ିଉଠିଥିଲା ବ୍ୟାଙ୍କର ଅନେକ ନୂଆ ଶାଖା । ଲକ୍ଷ୍ୟ ଥିଲା– ଗ୍ରାମାଞ୍ଚଳ ଲୋକଙ୍କୁ ବ୍ୟାଙ୍କ ସହ ଯୋଡ଼ିବା । ଜଣେ ନିଷ୍ପାପର, ସଚ୍ଚୋଟ, ପରୋପକାରୀ ଓ ମେଳାପି ସ୍ୱଭାବର ମଣିଷ ସେ ।

ପଦୋନ୍ନତି ପାଇ ଓଡ଼ିଶା ବାହାରେ ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତି ପାଇବା ପରେ ଆଉ ତାଙ୍କ ସହ ଦେଖାସାକ୍ଷାତ ହୋଇନଥିଲା କିମ୍ବା ଆଳାପ ଆଲୋଚନାର ମଧ୍ୟ ସୁଯୋଗ ମିଳିନଥିଲା । ଏବେ ଜେନେରାଲ ମ୍ୟାନେଜର ଭାବେ ଓଡ଼ିଶାରେ ବ୍ୟାଙ୍କିଙ୍ଗ୍ କାର୍ଯ୍ୟକଳାପର ସମୀକ୍ଷା ଦାୟିତ୍ୱ ତାଙ୍କ ଉପରେ ।

ସେଦିନ ନିମନ୍ତ୍ରଣପତ୍ର ଦେବା ଅବସରରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ବିଶେଷ କରି ତାଙ୍କ ବ୍ୟାଙ୍କର ପ୍ରଗତି ସମ୍ପର୍କିତ ଚର୍ଚ୍ଚା ହେଲା । ଶ୍ରୀ ସ୍ୱାଇଁ ମୋ' ଉଦ୍ଦେଶ୍ୟରେ କହିଲେ–ମ୍ୟାନେଜରଙ୍କଠାରୁ ଯାହା ଖବର ପାଇଲି ଆପଣଙ୍କ ଲୋନ୍ ଆକାଉଣ୍ଟ ଭଲ ଚାଲିଛି । କେବେବି ସର୍ତ୍ତ ଖିଲାପ କରିନି ଆପଣଙ୍କ ସଂସ୍ଥା । ସେଥିଲାଗି ମ୍ୟାନେଜର ଭୂରିଭୂରି ପ୍ରଶଂସା କରୁଥିଲେ ଆପଣଙ୍କର । ଯଦି ଆପଣଙ୍କ ଭଳି ସମସ୍ତେ ଠିକ୍ ସମୟରେ ଋଣ ଓ ସୁଧ ପରିଶୋଧ କରୁଥା'ନ୍ତେ ଏବେ ଅନାଦେୟ ଋଣକୁ ନେଇ ଦେଶବ୍ୟାପୀ ଯେପରି ହୋହାଲ୍ଲା ଚାଲିଛି ସେପରି ହେଉନଥାନ୍ତା କି ବ୍ୟାଙ୍କର ଦେବାଳିଆ ଅବସ୍ଥା ସୁଧାରିବାକୁ କ୍ଷମତାଧରଙ୍କୁ ନାକେଦମ୍ ହେବାକୁ ପଡୁନଥା'ନ୍ତା ।

କହିଲି– ଆପଣଙ୍କ କଥା ଠିକ୍ ଯେ, ହେଲେ ଠିକ୍ ଲୋକଙ୍କୁ କ'ଣ ଠିକ୍ ସମୟରେ ଠିକଣା ସୁବିଧା ମିଳୁଛି? ଆମଭଳି ସାଧାରଣ ଲୋକଙ୍କଙ୍କର ଭୀଷଣ ଭୟ ବଦନାମକୁ । ଖାଲି ବ୍ୟାଙ୍କର କିସ୍ତି ନୁହେଁ, ସମସ୍ତଙ୍କର ସବୁ ଦେୟ ଠିକ୍ ସମୟରେ ଗୋଟି ଗୋଟି କରି ପଇଠ କରୁ ଖାସ୍ ଏଇଥିପାଇଁ ଯେ, କେହି ଆମ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ ନକରୁ । ଏହା ଆମର ପାରମ୍ପରିକ ଅଭ୍ୟାସ । କିନ୍ତୁ ଅସାଧାରଣ ଲୋକଙ୍କର କଥା ନିଆରା । ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଋଣ ଉଠାଇ ଅୟସ କରିବେ । ଦେୟ ଖିଲାପ କରି ବିଦେଶ ପଳାଇଲେ ବି ପରବାୟ ନାହିଁ । ଏହି ଘଟଣାକୁ ନେଇ ଆଲୋଚନା ହେଲେ କିଛିଦିନ ଧରି ଚଡ଼ାଉ ନାମରେ ହଟଚମଟ ହେବ । ତା' ପରେ ଯଥା ପୂର୍ବଂ ତଥା ପରଂ । ଲୋକେ ସବୁକଥା ଶୀଘ୍ର ଭୁଲିଯାଆନ୍ତି.....

ଏଇଧରଣର ଲୋକମାନଙ୍କୁ ଋଣ ମିଳିବାରେ ଆଦୌ ଅସୁବିଧା ହୁଏନି । ତେବେ ଋଣ ମିଳିଗଲେ ଏମାନେ ପରିଶୋଧ କରିବାକୁ ଆଗ୍ରହ ପ୍ରକାଶ କରନ୍ତିନାହିଁ । ଇଚ୍ଛାକୃତ ଭାବେ ଖିଲାପ କରିଚାଲନ୍ତି । ଅପେକ୍ଷା କରିଥା'ନ୍ତି ସରକାରଙ୍କ ଏକକାଳୀନ ଋଣ ପରିଶୋଧ ଯୋଜନାକୁ (ଓଟିଏସ୍) । ଯୋଜନା କାର୍ଯ୍ୟକାରୀ ହେଲା ମାତ୍ରେ ଏହି ଖିଲାପିମାନେ ତା'ର ଭରପୂର ଫାଇଦା ନେଇଥା'ନ୍ତି। ସେପଟେ ଆମଭଳି ସର୍ତ୍ତ ମାନି ଠିକ୍ ସମୟରେ ମୂଳ ଏବଂ ସୁଧ ପଇଠ କରୁଥିବା ଲୋକଙ୍କଠାରୁ ଚଢ଼ାହାରରେ ସୁଧ ଆଦାୟ କରାଯାଏ । ପ୍ରୋତ୍ସାହନ ତ ଦୂରର କଥା, ଏମିତି ସର୍କୁଲାର ଜାଲରେ ଛନ୍ଦି ଦିଆଯାଏ ଯେ ସେଥିରୁ ମୁକୁଳିବା ବେଳେବେଳେ ମୁସ୍କିଲ୍ ହୋଇପଡ଼େ ।

ନୀତିନିୟମ ମାନୁଥିବା ଓ ଆତ୍ମସମ୍ମାନ ସହ ସାଲିସ୍ କରିପାରୁନଥିବା ଲୋକଙ୍କର ବ୍ୟାଙ୍କର ନାଲି ନୋଟିସ୍, ଘର ଆଗରେ ଡେଙ୍ଗୁରା ଅଥବା ଋଣ ଆଦାୟ ଲାଗି କର୍ମଚାରୀଙ୍କ ବାରମ୍ବାର ଜୁଲମ୍‌କୁ ହାଲ୍ ଭୟ । ଏମାନେ ଆତ୍ମସମ୍ମାନ ପାଇଁ ମରିଯିବେ ପଛେ ଜୀବଦ୍ଦଶାରେ ବଦନାମକୁ କେବେ ସହ୍ୟ କରିପାରିବେ ନାହିଁ । ସେ ଦୃଷ୍ଟିରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅଗ୍ରାଧିକାର ଭିତ୍ତିରେ ଏପରି ଲୋକଙ୍କୁ ସିନା ସବୁପ୍ରକାର ସହାୟତା ଦେବା କଥା, କିନ୍ତୁ ସେପରି ଦେଖିବାକୁ ମିଳେନି ସଚରାଚର !

ସେ ମୋ' ଯୁକ୍ତି ସହ କେତେକାଂଶରେ ସହମତ ହେଲେ । ତେବେ ତାଙ୍କ ଦୃଷ୍ଟିକୁ ଆସୁଥିବା ଏପରି ଘଟଣା ଉପରେ ସେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ସୂଚନା ଦେଲେ । ଏକ ଉଦାହରଣ ଛଳରେ ପ୍ରଭାବଶାଳୀ ଲୋକେ କିଭଳି ଋଣ ଖିଲାପ କରନ୍ତି ଓ ଶୁଝିବା କ୍ଷେତ୍ରରେ ଆଦୌ ଆଗ୍ରହ ପ୍ରକାଶ କରନ୍ତିନି ସେ ସଂକ୍ରାନ୍ତରେ ଏକ ନିର୍ଦ୍ଦିଷ୍ଟ ଘଟଣାର ଅବତାରଣା କରିଥିଲି ଆଲୋଚନା ପ୍ରସଙ୍ଗରେ ।

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡର ଅନ୍ୟତମ ସଦସ୍ୟ ଭାବେ ଏହାର ମୁଖ୍ୟ ଶାଖା କମିଟିର ଅଧକ୍ଷ ଦାୟିତ୍ୱ ମିଳିଛି ମୋତେ । କିଛିଦିନ ତଳେ ଏହି ଶାଖାର ଅଧିକାରୀମାନଙ୍କ ସହ ଜମା ସଂଗ୍ରହ, ଋଣ ଲଗାଣ, ଋଣ ଆଦାୟ ଆଦି ସମ୍ପର୍କରେ ସମୀକ୍ଷା କରୁଥିବା ବେଳେ ଖିଲାପି ତାଲିକାରେ ମୋ' ନଜରକୁ ଆସିଥିଲା କିଛି ପ୍ରଭାବଶାଳୀ ଲୋକଙ୍କ ନାଁ । ବ୍ୟାଙ୍କରୁ ଋଣ ଆକାରରେ ଏମାନେ ବିପୁଳ ଅର୍ଥ ଉଠାଇ ନେଇଛନ୍ତି, କିନ୍ତୁ ଶୁଝିବାର ନାଁ ଧରୁନାହାନ୍ତି । ସର୍ବୋଚ୍ଚ ପାହ୍ୟାର ଜଣେ ଅଫିସର ମାସକ ମଧ୍ୟରେ ଅବସର ନେବାର ଥିଲା । ତାଙ୍କଠାରୁ ଋଣ ଅର୍ଥ କିଭଳି ଆଦାୟ ହେବ ସେଥିନେଇ ଚିନ୍ତା ପ୍ରକଟ କରୁଥିଲେ ବ୍ୟାଙ୍କ ଅଧିକାରୀମାନେ। କମିଟିର ଅଧକ୍ଷ ଭାବେ ମୋ ଦସ୍ତଖତରେ ସରକାରଙ୍କୁ ଏଥିନେଇ ଚିଠି ଲେଖିବାକୁ ସ୍ଥିର ହେଲା । ଅତୀତରେ ଉଚ୍ଚ ପାହ୍ୟାର ଏହି ଅଧିକାରୀଙ୍କ ଘରକୁ ବ୍ୟାଙ୍କ କର୍ମଚାରୀ ଋଣ ଅର୍ଥ ଆଦାୟ କରିବାକୁ ଯିବା ବେଳେ ସେ ନିଜ କୁକୁରକୁ ଖୋଲିଦେଇଥିବା ନଜିର ରହିଛି । ଏମାନେ ଋଣ ଅର୍ଥ ଆଦାୟ କରିବେ କ'ଣ, କୁକୁର କାମୁଡ଼ା ଭୟରେ ଗେଟ୍ ପାଖରୁ ଫେରିଆସୁଥିଲେ । ତେବେ ସରକାରଙ୍କୁ ଚିଠି ଲେଖିଲା ପରେ କାର୍ଯ୍ୟକାଳ ସରିବା ପୂର୍ବରୁ ସେ ମହାଶୟ ବ୍ୟାଙ୍କକୁ ଆସି ଅର୍ଥ ପଇଠ କରିବାକୁ ଇଚ୍ଛା ପ୍ରକାଶ କରିଥିବା ଖବର ମିଳିଲା ।

ଯେଉଁମାନେ ନୀତିନିୟମ ନେଇ ନିତିଦିନ ସର୍କୁଲାର ଜାରି କରନ୍ତି ସେମାନେ ନିଜେ ସିନା ଆଦର୍ଶ ସୃଷ୍ଟି କରିବା କଥା, ହେଲେ ସେମାନେ ଯେତେବେଳେ ଇଚ୍ଛାକୃତ ଭାବେ ଋଣ ଅର୍ଥ ପଇଠ ନକରିବେ ସେତେବେଳେ ଏହା କି ପ୍ରଭାବ ପକାଇବ ଅନ୍ୟମାନଙ୍କ ଉପରେ ? ଏ ମହାଶୟ ତ ଏକ ଉଦାହରଣ ମାତ୍ର । କିନ୍ତୁ ତାଙ୍କ ଭଳି ଆହୁରି ଅନେକ ପ୍ରଭାବୀ ଋଣୀ ଅଛନ୍ତି ଯେଉଁମାନେ ଋଣ ଅର୍ଥ ପଇଠ କରିବା ନେଇ ଆଦୌ ଆଗ୍ରହ ପ୍ରକାଶ କରନ୍ତି ନାହିଁ ବରଂ ଋଣ ବା ସୁଧ କିପରି ପୂରା ଛାଡ଼ ହେବ ସେଥିନେଇ ଅପେକ୍ଷାରେ ଥା'ନ୍ତି । ମାର୍ ମାର୍ ଭଣ୍ଡାରିଆକୁ ମାର୍ ଭଳି କତିପୟ ବ୍ୟାଙ୍କ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୁଏ ।

ଅନ୍ୟପଟେ ନୀତିନିୟମକୁ ସମ୍ମାନ ଦେଉଥିବା ଲୋକ ନିଜ ପେଟକାଟି, ଖର୍ଚ୍ଚକାଟି ଋଣ ଅର୍ଥ ଠିକ୍ ସମୟରେ ପଇଠ କରେ ବଦନାମ ଭୟରେ ।

ସବୁବେଳେ ଠିକ୍ ରାସ୍ତାରେ ଚଳିବାକୁ ଚେଷ୍ଟା କରୁଥିବା ଲୋକଙ୍କର ବଡ଼ ପୁଞ୍ଜି ହେଲା ଆତ୍ମସମ୍ମାନ । କିନ୍ତୁ ଆତ୍ମସମ୍ମାନ ସହ ସାଲିସ୍ କରୁନଥିବା ଲୋକଙ୍କର ବଡ଼ ଭୟ ହେଲା ବଦନାମକୁ । ତେଣୁ ଯେତେ କଷ୍ଟ ସହିବାକୁ ପଡୁପଛେ କୌଣସି କ୍ଷେତ୍ରରେ କୌଣସି ପ୍ରକାର ଖିଲାପ କରି ଯେଭଳି ବଦନାମ ହେବାକୁ ନପଡ଼େ ସେଥିଲାଗି ସେମାନେ ସର୍ବଦା ସତର୍କତାର ସହିତ ପଦକ୍ଷେପ ନେଇଥାଆନ୍ତି । କିନ୍ତୁ ଏପରି ଲୋକଙ୍କୁ ସମ୍ମାନର ସହ ସବୁ କ୍ଷେତ୍ରରେ କ'ଣ ସହାୟତା ମିଳେ? ବରଂ ଏମାନଙ୍କୁ ଅନେକ ସମୟରେ ହରକତ ହେବାକୁ ପଡ଼ିଥାଏ ।

ମୋ ମତାମତ ଶୁଣିବା ପରେ ସେ କହିଲେ– ଯେଉଁମାନେ ନିୟମିତ ଋଣ ଓ ସୁଧ ପଇଠ କରୁଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର ରିହାତି ଓ ସହାୟତା ଦିଆଯିବାର ଯେ ଆବଶ୍ୟକତା ରହିଛି ଏହା ଅଯୌକ୍ତିକ ନୁହେଁ ।

ପ୍ରାବରଣ ଷଷ୍ଠୀ ବା ଓଢ଼ଣ ଷଷ୍ଠୀ

ବିଦ୍ୟୁତଲତା ପଣ୍ଡା

କାର୍ତ୍ତିକ ପରେ ପୃଥିବୀକୁ ଶୀତ ଆସିଥାଏ । ହେମନ୍ତ ଋତୁର ପ୍ରାରମ୍ଭରେ ମାର୍ଗଶିର ଶୁକ୍ଳପକ୍ଷ ଷଷ୍ଠୀ ଠାରୁ ମହାପ୍ରଭୁ ଘୋଡଲାଗି ହୁଅନ୍ତି । ଏହି ଉତ୍ସବକୁ ପ୍ରାବରଣ ଉତ୍ସବ କୁହାଯାଏ । ଶୀତର ପ୍ରକୋପ ଅନୁଭୂତ ନ ହେବା ପାଇଁ ମହାପ୍ରଭୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଘୋଡି ହୁଅନ୍ତି । ବସନ୍ତ ପଞ୍ଚମୀ ପରେ ଶୀତର ପ୍ରକୋପ କମି ଆସୁଥିବାରୁ ମହାପ୍ରଭୁ ଘୋଡ ଲାଗି ନ ହୋଇ ଜାମାଲାଗି ହୁଅନ୍ତି । ଏହି ଉତ୍ସବ ସମ୍ପର୍କରେ ଯାତ୍ରା ଭାଗବତରେ ଉଲ୍ଲେଖ ଅଛି–ମାର୍ଗଶିରେ ସିତେ ପକ୍ଷେ ଷଷ୍ଠ୍ୟାଞ୍ଚୈବ ଜନାର୍ଦ୍ଦନମ୍ । ବସ୍ତ୍ରୈଃ ପ୍ରାବୃଣୁୟାଦ୍ଦେବ ସର୍ବାଭିଷ୍ଟ ଫଳାପ୍ତୟେ । ସେହିପରି ନୀଳାଦ୍ରି ମହୋଦୟରେ ଉଲ୍ଲେଖ ଅଛି, ତତଃ ଷଷ୍ଠୀଦିନେ ପ୍ରାତଃ ପୂଜାନନ୍ତରତେ ହରେଃ । ନବ୍ୟାଶୁକାର୍ପଣଂ କୁର୍ଯ୍ୟାଦଭିଭାବ ସମନ୍ୱିତଃ ।। ଏବଂ ଏହି ଉତ୍ସବ ସମ୍ପର୍କରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି, ମାର୍ଗଶୀର୍ଷେ ସିତେ ପକ୍ଷେ ଷଷ୍ଠ୍ୟାଂ ପ୍ରାବରଣୋତ୍ସବମ୍ । କୃତ୍ୱା ଦୃଷ୍ଟ୍ୱା ନରୋଭକ୍ତ୍ୟା ଚୈଷ୍ଟବଂ ଲୋକମାପ୍ନୁୟାତ୍ ।।

ଶ୍ରୀମନ୍ଦିରରେ ଏହି ଉତ୍ସବ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ । ଏହି ଯାତ୍ରାର ତିଥି ନିରୂପଣ କରି କୁହାଯାଇଛି ଯେ ପ୍ରାବରଣ ଷଷ୍ଠୀ ମାର୍ଗଶିର ଶୁକ୍ଳଷଷ୍ଠୀରେ ଏବଂ ଷଷ୍ଠୀବିଦ୍ଧା ଥିଲେ ପଞ୍ଚମୀବିଦ୍ଧା ତିଥିରେ ଓ ଷଷ୍ଠୀ ତିଥିରେ କ୍ଷୟ ଥିଲେ ପୂର୍ବ ଦିବସରେ ତଥା ବୃଦ୍ଧି ପକ୍ଷରେ ବୃଦ୍ଧି ଦିବସରେ ହିଁ ପାଳିତ ହୋଇଥାଏ । ଏହି ଓଢ଼ଣ ଲାଗି ଉତ୍ସବ ଷଷ୍ଠୀ ତିଥିରେ ପାଳିତ ହେଉଥିଲେ ମଧ୍ୟ ଏହାର ଅଧିବାସ ବିଧି ପଞ୍ଚମୀଦିନ ପାଳିତ ହୁଏ । ଏହି ପଞ୍ଚମୀଦିନ ଶ୍ରୀଜିଉଙ୍କର ରାତ୍ର ଚନ୍ଦନ ଲାଗି ବଢିବା ପରେ ପତନି, ଘୋଡ, ଖଣ୍ଡୁଆ ଘୋଡ, ପାଗ, ମଦନମୋହନଙ୍କ କବରି, ବିମଳା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଘୋଡ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥାଏ । ଏହା ପୂର୍ବରୁ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ପ୍ରଭୃତି ବନ୍ଧାଯାଇ ସଜ୍ଜିତ ହୋଇ ରହିଥାଏ । ତିନିଗୋଟି ମଣ୍ଡଳ ଉପରେ ଚାଙ୍ଗୁଡାରେ ଘୋଡମାନଙ୍କୁ ରଖାଯିବା ପରେ ଅଧିବାସ କର୍ମ ବଢେ । ଏହାପରେ ଦୁଆର ମୁଦ ହୁଏ । ବଡସିଂହାର ଭୋଗ ସରି ଠାକୁରମାନଙ୍କର ମୈଲମ ବଢେ । ପାଣିପଡି ମହାସ୍ନାନ ବଢିବା ପରେ ସିଂହାସନରେ ଠାକୁରମାନେ ଝୀନପତନି ଲାଗି ହୁଅନ୍ତି । ତିନିଗୋଟି ରୁପାପିଙ୍ଗଣରେ ସର୍ବାଙ୍ଗ ବିଜେ ହୋଇ ଆସି ସର୍ବାଙ୍ଗ ଲାଗି ବଢିଥାଏ । ପରେ ପଇଡ, ବିଡ଼ିଆ, ଘଷାମଣୋହି ବଢି ଆଳତି ପରେ ପହୁଡ ହୁଏ । ଏଦିନ ଅଧିବାସ ଯୋଗୁଁ ପୁଷ୍ପାଞ୍ଜଳି ଠାକୁର ବିଜେ ହୁଅନ୍ତି ନାହିଁ । ଷଷ୍ଠୀଦିନ ଶ୍ରୀଜିଉଙ୍କର ସକାଳ ଧୂପ ବଢିଲା ପରେ ମୈଲମ ହୁଏ । ଗତଦିନ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡମାନଙ୍କୁ ଘଣ୍ଟ, ଛତା, କାହାଳି ସହିତ ପଟୁଆରରେ ଶ୍ରୀମନ୍ଦିରକୁ ତିନିବେଢା ପ୍ରଦକ୍ଷିଣ କରାଇ ଭିତର ସିଂହାସନକୁ ବିଜେ କରାଯାଏ । ସିଂହାସନରେ ଠାକୁରଙ୍କର ପାଗ ଓ ଘୋଡଲାଗି ବଢିଲେ ଛଅମୂର୍ତ୍ତି ଅଳଙ୍କାର ଲାଗି ହୁଏ । ଏହାପରେ ଶ୍ରୀଅଙ୍ଗରେ ପ୍ରସାଦ ଲାଗି ସରିଲେ ତିନିବାଡରେ ବନ୍ଦାପନା ବଢେ । ଏସବୁ ସରି ପାଣିପଡି ଧୋପଖାଳ ପରେ ରୋଷକୁ ମଧାହ୍ନ ଧୂପ ଡାକିଗଲେ ଛେକ ଆସି ଷୋଡ଼ଶୋପଚାରର ବିଧିରେ ମଧ୍ୟାହ୍ନ ଭୋଗ ପୂଜା ବଢେ ।

ଅନ୍ୟ ଯାତ୍ରାମାନଙ୍କରେ ଶ୍ରୀଜିଉଙ୍କର ଦର୍ଶନ ପରି ଏହି ଯାତ୍ରା ଦର୍ଶନରେ ବହୁପୁଣ୍ୟ ସଞ୍ଚୟ ହୋଇଥାଏ । ବାମଦେବ ସଂହିତାରେ ଏହିଯାତ୍ରା ଦର୍ଶନର ଫଳ ସମ୍ପର୍କରେ ଉଲ୍ଲେଖ ଅଛି, ଏତତ୍ କାଳେହ୍ୟପି ଯେ ଦେବି ପଶ୍ୟନ୍ତୀହ ସୁଖାନି ଚ । ପ୍ରାପ୍ନୁୟୁଃ ପାପଜାଳେଭ୍ୟୋ ମୁକ୍ତାସ୍ତେହରିରୂପକାଃ ।। ଭବନ୍ତି ବିଷ୍ଣୁପଦବୀଂ ଗଛନ୍ତି ବିଗତଜ୍ୱରାଃ ।। ଅର୍ଥାତ୍ ଏହି ଉତ୍ସବକୁ ଦର୍ଶନ କରୁଥିବା ବ୍ୟକ୍ତି ଇହଲୋକରେ ସମସ୍ତ ପାପ–ତାପରୁ ଉଦ୍ଧାର ପାଇ ସର୍ବୋତଭାବେ ସୁଖଲାଭ କରନ୍ତି ଏବଂ ସେମାନଙ୍କ ଅନ୍ତିମ କାଳରେ ବୈକୁଣ୍ଠ ଲାଭ ଓ ହରିସାନ୍ନିଧ୍ୟ ସୁଲଭ ହୋଇଯାଏ ।

ଔପଦା, ବାଲେଶ୍ୱର
ମୋ.୯୯୩୮୧୨୨୮୨୬

ବସ୍ତାନି ବୋଝ

ନଗେନ୍ଦ୍ର ନାଥ ପଟ୍ଟନାୟକ

ଏଇ କେଇଟା ଦିନ ତଳେ କେନ୍ଦ୍ର ସରକାର ସ୍କୁଲ ପିଲାଙ୍କ ବସ୍ତାନି ବୋଝକୁ ହାଲୁକା କରିବା ପ୍ରସଙ୍ଗକୁ ବେଶ୍ ଗମ୍ଭୀରତାର ସହ ବିଚାରକୁ ନେଇଛନ୍ତି । ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡିକୁ ନୂଆ ଗାଇଡଲାଇନ୍ ବା ଦିଗନିର୍ଦ୍ଦେଶ ଜାରି କରାଯାଇଛି । ତଦନୁଯାୟୀ ସ୍କୁଲ ପିଲାଙ୍କ ବ୍ୟାଗର ଓଜନ ହ୍ରାସ ନିୟମ ପ୍ରଣୟନ କରିବା ଲାଗି ଭାରତ ସରକାର ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟଗୁଡିକୁ । ଏଣିକି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କ ଲାଗି ବସ୍ତାନିର ବୋଝ କେତେ ଓଜନ ବିଶିଷ୍ଟ ହେବ ତାହା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସ୍ଥିର କରାଯାଇଛି । କେବଳ ଯେ କୋମଳମତି–ନିଷ୍ପାପ ପିଲାଙ୍କ କାନ୍ଧରେ ଏଇ ବସ୍ତାନିର ଭାରି ବୋଝ ପଡୁଛି ତାହା ନୁହେଁ, ମାନସିକ ଚାପର ମଧ୍ୟ ସେମାନେ ଶିକାର ହେଉଛନ୍ତି ଅନାୟାସରେ । ତେଣୁ ସରକାରଙ୍କ ଏଭଳି ଠୋସ୍ ପଦକ୍ଷେପ ଯଦି ବାସ୍ତବରେ ରୂପାୟିତ ହୁଅନ୍ତା ହୁଏତ ଏହାର ସୁପ୍ରଭାବ ସ୍କୁଲ ପିଲାଙ୍କ ଉପରେ ପଡନ୍ତା । ତେବେ ସେ ଯାହାହଉ, ଏଇ ଦିଗନିର୍ଦ୍ଦେଶ ମୁତାବକ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାଙ୍କ ବସ୍ତାନି ଓଜନ ଦେଢ କିଲୋ ଏବଂ ତୃତୀୟରୁ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ ରତ ପିଲାଙ୍କ ବସ୍ତାନି ଓଜନ ଦୁଇରୁ ପାଞ୍ଚ କିଲୋ ଯାକେ ନିର୍ଦ୍ଧାରଣ କରାଯାଇଛି । ପ୍ରଥମ ଓ ଦ୍ୱିତୀୟ ଶିକ୍ଷାର୍ଥୀଙ୍କ ପାଇଁ ହୋମୱାର୍କ ଦିଆଯାଇପାରିବ ନାହିଁ । ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆହୁରି ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଏହାକୁ କେବଳ ଗଣିତ ତଥା ସାହିତ୍ୟ ପଢାଇବା ଲାଗି ଲାଗୁ କରାଯିବ। ଅପରପଟେ ତୃତୀୟରୁ ପଞ୍ଚମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ଗଣିତ, ସାହିତ୍ୟ ଭାଷା ଓ ପରିବେଶ ସଂକ୍ରାନ୍ତ ବିଜ୍ଞାନ ପଢାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବାସ୍ତବ ଦୃଷ୍ଟିକୋଣରୁ ବିଚାର କଲେ ପିଲାଙ୍କ ଉପରେ ଏଇ ଅଯଥା ବସ୍ତାନି ବୋଝ ଲଦିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେସରକାରୀ ସ୍ତରରେ ପରିଚାଳିତ ସ୍କୁଲଗୁଡିକରେ, ସେସବୁ ବିଦ୍ୟାଳୟରେ ପିଲାମାନଙ୍କୁ ବିଭିନ୍ନ ବିଷୟ ଉପରେ ଢେର ଅଧିକ ଶିକ୍ଷାଦାନ କରାଯାଇଥାଏ । ଏ ସମ୍ପର୍କର ଲକ୍ଷଣୀୟ କଥା ହେଉଛି ଶିକ୍ଷାଦାନକୁ ଏବେ ବ୍ୟାପକ ଭାବେ ବିପଣନ ତଥା ବ୍ୟବସାୟୀକରଣ କରାଯାଇଛି । ଏପରି କି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ଉଦ୍ଦେଶ୍ୟରେ ଅଭିଭାବକମାନେ ସେମାନଙ୍କ ଉପରେ ମାତ୍ରାଧିକ ବସ୍ତାନି ବୋଝ ଲଦିବାକୁ ପଛାଉ ନାହାନ୍ତି ଏଭଳି ବସ୍ତାନି ବୋଝକୁ ଅହେତୁକ ବୃଦ୍ଧି କରିବା ଦ୍ୱାରା ପିଲାଙ୍କ ମେଧାଶକ୍ତି କେତେ ମାତ୍ରାରେ ବୃଦ୍ଧିପାଉଛି ସେଥିପ୍ରତି ଆମ ଅଭିଭାବକଙ୍କ ଜମା ନଜର ନାହିଁ କହିଲେ ଚଳେ । ଏହି ଅତ୍ୟଧିକ ବସ୍ତାନି ବୋଝ ଯୋଗୁଁ କୋଉ ପିଲାର ଅଣ୍ଟା ଭୀଷଣ ଦରଜ ହେଲାଣି ତ କାହାର ପିଠିର ଯନ୍ତ୍ରଣା ହେଲାଣି ପୁଣି ଆଉ କାହାର ଶାରୀରିକ କଷ୍ଟ ଭୋଗି ଅଯଥାରେ ଛଟପଟ ହେଉଛନ୍ତି । ବିଶେଷ କରି ବିଦ୍ୟାର୍ଥୀ ହାତ ଉପରେ ବସ୍ତାନି ବୋଝ ପ୍ରତିକୂଳ ପ୍ରଭାବ ପକାଉଥିବା ଲକ୍ଷ୍ୟ କରାଯାଇଛି । ତେବେ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ ଏଭଳି ନିୟମ ଲାଗୁ ହେଲେ ଶିକ୍ଷା କ୍ଷେତ୍ରରେ ସକାରାତ୍ମକ ସୁଧାର ଆସିବ ବୋଲି ଆଶା କରାଯାଏ ।

ତେବେ ସ୍କୁଲ ବସ୍ତାନିର ବୋଝ ହ୍ରାସ କରିବା ଲାଗି ଆଗରୁ ନିୟମ ପ୍ରଣୟନ କରାଯାଇଥିଲେ ବି ତାହା ଲାଗୁ କରାଯାଇପାରି ନଥିଲା । କୋମଳମତି ଶିଶୁ ଓ କିଶୋର ବିଦ୍ୟାର୍ଥୀମାନଙ୍କ ବସ୍ତାନିର ବୋଝ କିଛି ନୂଆ ନୁହେଁ କି ସେମାନଙ୍କ ଶରୀର ଓ ମନ ଉପରେ ପଡୁଥିବା ଯାର ସୁଦୂରପ୍ରସାରୀ କୁପ୍ରଭାବ ବିଷୟରେ ଅନୁଶୀଳନ କରିବା ନୂଆ କଥା ନୁହେଁ । ଏଇ କେଇବର୍ଷ ପୂର୍ବେ ସିବିଏସଇ ମଧ୍ୟ ଶିକ୍ଷକ ଓ ଅଭିଭାବକମାନଙ୍କୁ ପରାମର୍ଶ ଛଳରେ କହିଥିଲା ଏଣିକି ବିଦ୍ୟାର୍ଥୀମାନଙ୍କର ଛୋଟଛୋଟ ଗ୍ରୁପ ଗଢାଯାଇ ପଢାଯିବା ଦରକାର, ଯାହାଫଳରେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ଆଉ ପାଠ୍ୟପୁସ୍ତକ ଭରା ବସ୍ତାନିକୁ କାନ୍ଧରେ ଓହଳାଇ କି ପିଠିରେ ଲଦି ଆସିବାକୁ ପଡିବ ନାହିଁ । ଏତଦ୍‌ବ୍ୟତୀତ, ପ୍ରତ୍ୟେକ ପିଲାଙ୍କ ଭିନ୍ନ ଭିନ୍ନ କ୍ୟାଲେଣ୍ଡର କରିବାର ପ୍ରସ୍ତାବ ରହିଥିଲା । ଏଥିପାଇଁ । ଉଲେଖଯୋଗ୍ୟ, ୧୯୯୦ରେ ପାଠ୍ୟ ପୁସ୍ତକକୁ ସ୍କୁଲର ସମ୍ପତ୍ତି ଭାବେ ବିଚାର କରାଯାଉ ଆଉ ପିଲାଙ୍କୁ ବିଦ୍ୟାଳୟରେ ପୁସ୍ତକ ରଖିବା ସକାଶେ ତାଲା ଚାବି ଦିଆଯାଉ ବୋଲି ଯଶପାଲ କମିଟି ସରକାରଙ୍କୁ ସୁପାରିସ କରିଥିଲେ । ମାତ୍ର ବିଡମ୍ବନା, ଯଶପାଲ କମିଟିରେ ସୁପାରିସ ବା ପ୍ରସ୍ତାବ ଏବେ ସୁଦ୍ଧା ଶୀତଳ ଭଣ୍ଡାରରେ ପଡିରହିଛି । ସେହିଭଳି ୨୦୦୫ରେ ନ୍ୟାସନାଲ କରିକ୍ୟୁଲମ ଫ୍ରେମଏୱାକ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ପିଲାଙ୍କ ଉପରେ ଶାରୀରିକ ଓ ମାନସିକ ଚାପ ହ୍ରାସ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହାର ଆଧାରରେ ଏନସିଆରଟି ନୂତନ ପାଠ୍ୟକ୍ରମ ଓ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିଥିଲା, ଯାହାକୁ ଏନସିଆରଟି ଅନୁବନ୍ଧିତ ଏକାଧିକ ସ୍କୁଲ ପ୍ରଚଳନ କରିଥିଲେ। ପରିବର୍ତ୍ତୀ କାଳରେ ବିଦ୍ୟାର୍ଥୀଙ୍କ ସ୍କୁଲ ବ୍ୟାଗ ଓଜନ ତା'ଶରୀରର ମୋଟ ଓଜନର ଦଶ ପ୍ରତିଶତଠୁ ଅଧିକ ହେବ ନାହିଁ ବୋଲି ଚିଲିଡ୍ରେନ ବ୍ୟାଗ ଆଇନ ୨୦୦୬ରେ ପ୍ରାବଧାନ ରହିଥିଲା । ସରକାରଙ୍କର ଏସବୁ ବ୍ୟବସ୍ଥା ତଥା ପଦକ୍ଷେପ ସତ୍ତ୍ୱେ ବି ଆଜିକାଲି ଅଧିକାଂଶ ବିଦ୍ୟାର୍ଥୀଙ୍କୁ ବସ୍ତାନିର ଭାରି ବୋଝକୁ କଅଁଳ ପିଠିରେ ବୋହିବାକୁ ପଡୁଛି। ଏବେକା ଇଣ୍ଟରନେଟ ଯୁଗରେ ସରକାରୀ ବିଦ୍ୟାଳୟ ହେଉ କି ବେସରକାରୀ ଯେଉଁଠି ପିଲାଙ୍କ ବସ୍ତାନି ବୋଝ ଯେତେ ଅଧିକ ଓ ହୋମୱାର୍କ ଯେତେ ବେଶି ତାକୁ ଉଚ୍ଚ ତଥା ଉନ୍ନତ ମାନର ବିଦ୍ୟାଳୟ ବୋଲି ଗଣା ହେଉଛି । ପିଲାଙ୍କ ପିଠି ବା କାନ୍ଧ ଉପରେ ବସ୍ତାନିର ଏଇ ଭାରୀ ବୋଝ ସେମାନଙ୍କ କଅଁଳ ହାର୍ଟସବୁକୁ ଖରାପ କରିଦିଏ ଏବଂ ପିଲାଏ ବଡ ହେଲେ ଉକ୍ତ ବେମାରିର ଶିକାର ହୋଇପାରନ୍ତି ବୋଲି ଶରୀର ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି । ତେବେ ଏ ପ୍ରସଙ୍ଗରେ ଶିକ୍ଷାବିତଙ୍କ ମତ ବି ପ୍ରଣିଧାନଯୋଗ୍ୟ । ସେମାନଙ୍କ ମତରେ ଚାରିରୁ ବାରବର୍ଷ ବୟସର ଅବଧି ହେଉଛି ପିଲାଙ୍କ ବ୍ୟକ୍ତିତ୍ୱ ବିକାଶର ସମୟ । ଏଣୁ ଏଇ ସମୟ ଅବଧି ମଧ୍ୟରେ ପିଲାଙ୍କ ଉପରେ ପାଠପଢା ବୋଝ ଲଦିବା ବଦଳରେ ତାର ଗଠନାତ୍ମକ ବିକାଶ ଉପରେ ଗୁରୁତ୍ୱାରୋପ କରାଯିବା ନିହାତି ଦରକାର ।

ଜଗମୋହନ ନଗର, ଜାଗମରା,
ଖଣ୍ଡଗିରି, ଭୁବନେଶ୍ୱର,
ମୋ. ୯୪୩୮୩୩୨୧୩୮

ଜ୍ୟୋତିଷ ବିଶାରଦ ପଠାଣି ସାମନ୍ତ

ଡ. ଅରୁନ୍ଧତୀ ଦେବୀ

ଓଡ଼ିଶା ତଥା ଭାରତର ପ୍ରସିଦ୍ଧ ଜ୍ୟୋତିଷ ବିଶାରଦ ଚନ୍ଦ୍ରଶେଖର ସାମନ୍ତ। ପଠାଣି ସାମନ୍ତ ନାମରେ ସେ ପରିଚିତ । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଆଦିଙ୍କ ଦୈନିକ ଓ ବାର୍ଷିକ ଆବର୍ତ୍ତନର ନିର୍ଭୁଲ ଗଣନା, ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସଠିକ ସମୟ ନିର୍ଦ୍ଧାରଣରେ ସେ ପାରଙ୍ଗମ ଥିଲେ । ତାଙ୍କ ନାମରେ ପଠାଣି ସାମନ୍ତ ପଞ୍ଜିକା ପ୍ରଚଳିତ । ଚନ୍ଦ୍ରଶେଖରଙ୍କ ବାପା ଜଣେ ପ୍ରସିଦ୍ଧ ଗାଣିତିକ ଥିଲେ । ଗଣିତ ଜ୍ୟୋତିଷରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଚନ୍ଦ୍ରଶେଖର ତାଙ୍କଠୁ ଗଣିତ ଜ୍ୟୋତିଷ ଶିକ୍ଷା ଲାଭ କରିଥିଲେ । ପୁରାତନ ଜ୍ୟୋତିଷ ଶାସ୍ତ୍ରଗୁଡ଼ିକର ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହିତ ସୂକ୍ଷ୍ମ ଯନ୍ତ୍ରମାନ ସେ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳୀ ସାହାଯ୍ୟରେ ଗ୍ରହମଣ୍ଡଳର ନକ୍ଷତ୍ରମାନଙ୍କ ଗତି ଅବଲୋକନ କରି ନୂଆ ସିଦ୍ଧାନ୍ତରେ ପହଞ୍ଚିଥିଲେ । ନୂତନ ଗଣନା ଅନୁଯାୟୀ ସେ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ରଚନା କରିଥିଲେ । ଗୋଲଯନ୍ତ୍ର, ସୂର୍ଯ୍ୟଘଡ଼ି, ଶଙ୍କୁଦଣ୍ଡ, ଉଲମ୍ବୀ ଚକ୍ର, ମାନଯନ୍ତ୍ର, ଖଗୋଲଯନ୍ତ୍ର ଇତ୍ୟାଦି ତାଙ୍କ ଦ୍ୱାରା ନିର୍ମିତ । ନିର୍ଭୁଲ ଜ୍ୟୋତିଷ ଗଣନା ଯୋଗୁଁ ୧୮୯୩ରେ ପଠାଣି ସାମନ୍ତଙ୍କୁ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରାଯାଇଥିଲା । କୁହାଯାଏ ନିଜେ ନିଜ ଜାତକ ଗଣନା କରି ସେ ନିଜ ମୃତ୍ୟୁ ସମୟ ଜାଣିପାରିଥିଲେ । ତାଙ୍କ ନାମରେ ଭୁବନେଶ୍ୱର ଠାରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ରହିଛି । ୧୮୩୫ ଡିସେମ୍ବର ୧୩ରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଖଣ୍ଡପଡ଼ା ରାଜବଂଶରେ ଚନ୍ଦ୍ରଶେଖର ଜନ୍ମଗ୍ରହଣ କରିଥିଲେ ।



ଜୟନ୍ତୀ ଅବସରରେ

ମୋ. ୯୪୩୭୧୨୪୫୭୨